## ଆଞ୍ଚଳିକ ପରିବହନ ଅଧିକାରୀ ତଥା ଟିକସ କର୍ତ୍ତୃପକ୍ଷ, ରାଉରକେଲା ଏବଂ ଅନ୍ୟମାନେ

*ବନାମ*

## ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍

## ନଭେମ୍ବର 9, 1995

## [ମଦନ ମୋହନ ପୁଞ୍ଛି ଏବଂ ସୁଜାତା ଭି. ମନୋହାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଓଡ଼ିଶା ମୋଟର ଯାନ ଟିକସ ଅଧିନିୟମ 1975:*

*ଧାରା 10 ଏବଂ 15 - ଅନୁସୂଚୀ – ଦଫା 3,4 ଏବଂ 6 ।*

*ମୋଟର ଯାନ - ନିଯୁକ୍ତିଦାତାଙ୍କ ଦ୍ୱାରା କର୍ମଚାରୀମାନଙ୍କୁ ପରିବହନ କରିବା ପାଇଁ ବ୍ୟବହାର - ଦଫା 3 ଅଧୀନରେ ଟିକସ ପ୍ରଦାନ - ପରବର୍ତ୍ତୀ ସମୟରେ ଦଫା 4 ଅନୁଯାୟୀ ନିଯୁକ୍ତିଦାତାଙ୍କୁ ଅଧିକ ଟିକସ ଦେବାକୁ ପଡ଼ିବ - ଦଫା 6 ଅଧୀନରେ ଟିକସ ଲାଗୁ ହେବ ବୋଲି ନିଯୁକ୍ତିଦାତାଙ୍କ ଯୁକ୍ତି - ପକ୍ଷମାନଙ୍କ ମଧ୍ୟରେ ସହମତି - କୁହାଯାଇଛି ଧାରା 10 ଏବଂ 15 ଅନୁଯାୟୀ ପ୍ରତିକାର ମାଗିବା ପର୍ଯ୍ୟନ୍ତ ଯାନଗୁଡିକ ପାଇଁ ଟିକସ ପ୍ରଦାନ କରିବା ଆବଶ୍ୟକ - ଦଫା 3 ରୁ 6 ମଧ୍ୟରେ ଟିକସ ହାର ପରିବର୍ତ୍ତନ ପାଇଁ ସଂଶୋଧନମୂଳକ ପଦକ୍ଷେପ - ତଥ୍ୟ ଅନୁସନ୍ଧାନ ପରେ ରାଜ୍ୟକୁ ଏକ ଭିନ୍ନ ଉପସଂହାରରେ ପହଞ୍ଚାଇବାର ସ୍ୱାଧୀନତା ।*

ଉତ୍ତରଦାତା - କର୍ତ୍ତୃପକ୍ଷ ଓଡ଼ିଶା ମୋଟର ଯାନ ଟିକସ ଅଧିନିୟମ 1975 ର ଅନୁସୂଚୀର ଦଫା 3 ଅନୁଯାୟୀ, ଏହାର କର୍ମଚାରୀମାନଙ୍କୁ ଏହାର ଟାଉନସିପ୍ ରୁ ଏହାର କାରଖାନାକୁ ନେବା ପାଇଁ ନିୟୋଜିତ ବସ୍ ଉପରେ ଟିକସ ଦେଉଥିଲେ । ପରେ ଅନୁସୂଚୀର ଦଫା 4 ଅଧୀନରେ ଅଧିକ ଟିକସ ଦେବାକୁ ପଡ଼ିଥିଲା, ଯେଉଁଥିରେ ଭଡ଼ା ପାଇଁ ଯାଉଥିବା ଏବଂ ଯାତ୍ରୀ ପରିବହନ ପାଇଁ ବ୍ୟବହୃତ ହେଉଥିବା ମୋଟର ଯାନ ପାଇଁ ଟିକସ ହାର ନିର୍ଦ୍ଧାରିତ ହୋଇଛି । ଗାଡ଼ି ବ୍ୟବହାର ପାଇଁ କର୍ମଚାରୀଙ୍କ ଠାରୁ କୌଣସି ଶୁଳ୍କ ଆଦାୟ କରାଯାଇନଥିବା ଉପରେ ଯୁକ୍ତି ବାଢି  ଉତ୍ତରଦାତା ଏହି କର ବସାଇବାକୁ ଆପତ୍ତି କରିଥିଲେ ଯେ, ଦଫା 4 ଅଧୀନରେ ଟିକସ ଦାୟିତ୍ୱ ଆପେ ଆପେ ଆକର୍ଷିତ ହୋଇ ନଥିଲା କିନ୍ତୁ ଦଫା 6 ଅଧୀନରେ ଆସିପାରେ ଯାହା *ଅଧିନିୟମର ଧାରା* 10 ଏବଂ 15 ଅନୁଯାୟୀ ପ୍ରତିକାର ଦାବି କରିବା ସାପେକ୍ଷ । ଉଚ୍ଚ ନ୍ୟାୟାଳୟ ଅନୁମାନ କରିଥିଲେ ଯେ ଏହି ପରିବର୍ତ୍ତନ ଅନୁସୂଚୀର ଦଫା ସଂଖ୍ୟା 6 ରୁ ଦଫା ସଂଖ୍ୟା 4କୁ ଆସିଛି ।

ଏହି ନ୍ୟାୟାଳୟଙ୍କ ନିକଟରେ ଆବେଦନ କରି ଉତ୍ତରଦାତା-କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ ଯେ ଏହି ଆଧାରରେ ଏକ ତଦନ୍ତ କରାଯାଇପାରିବ ଯେ ଏହାର ଯାନବାହାନ ସମୂହ ଉପରେ ଟିକସ ଲାଗୁ ହେବ, କିନ୍ତୁ ଦଫା 3 ରୁ ଦଫା 4 କୁ ହୋଇଥିବା ପରିବର୍ତ୍ତନ ଅନାବଶ୍ୟକ ଥିଲା ।

**ଏହି ଆବେଦନକୁ ଫଇସଲା କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ: 1. ଟିକସର ଦଫା ଚୟନ କରିବାରେ ମନମୁଖୀ କାର୍ଯ୍ୟ କରିବାକୁ ରାଜ୍ୟକୁ ଅନୁମତି ଦିଆଯାଇ ପାରିବନାହିଁ ଏବଂ ଉତ୍ତରଦାୟିତ୍ୱକୁ ଖଣ୍ଡନ କରିବା ପାଇଁ ଏହାକୁ ନାଗରିକ ଉପରେ ଛାଡି ଦିଆଯାଇ ପାରିବନାହିଁ । ରାଜ୍ୟ ତଥ୍ୟକୁ ଯାଞ୍ଚ କରିବା ଉଚିତ ଏବଂ ତା'ପରେ କୌଣସି ଅନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ଲାଗୁ ନକରି ବ୍ୟବସ୍ଥାର ସରଳ ଭାଷାରେ ନିର୍ଦ୍ଦିଷ୍ଟ ଦଫା ପ୍ରୟୋଗ କରିବା ଉଚିତ୍ ।**

**2. ଆବଶ୍ୟକ ତଥ୍ୟ ପ୍ରତିଷ୍ଠା ବିନା ଟିକସ ହାରରେ ସିଧାସଳଖ କିପରି ବୃଦ୍ଧି ଅଣାଯାଇପାରିବ ତାହା ଯଥାର୍ଥ ସାବ୍ୟସ୍ତ କରିବାରେ ଆବେଦନକାରୀ ବିଫଳ ହୋଇଛନ୍ତି । ତେଣୁ ଅଧିନିୟମର ଧାରା 10 ଏବଂ/କିମ୍ବା 15 ଅନୁଯାୟୀ ଉତ୍ତରଦାତା - କର୍ତ୍ତୃପକ୍ଷଙ୍କ ଦ୍ୱାରା ସଫଳତାପୂର୍ବକ ପ୍ରତିକାର ମାଗିବା ପର୍ଯ୍ୟନ୍ତ, ଟିକସ ଲାଗୁ କରିବା ଅନିବାର୍ଯ୍ୟ ଏବଂ ଦଫା ସଂଖ୍ୟା 3 ଅନୁଯାୟୀ ଟିକସ ହାରକୁ ଦଫା ସଂଖ୍ୟା 6 ରେ ପରିବର୍ତ୍ତନ କରିବା ପାଇଁ ବର୍ତ୍ତମାନ ଆବେଦନକାରୀଙ୍କ ପାଇଁ ଅଧିକାର ସଂରକ୍ଷିତ ରଖି ସଂଶୋଧନମୂଳକ ପଦକ୍ଷେପ ନିଆଯାଇପାରେ - ଏକ ଉତ୍ତରଦାତା ଜଡିତ ଥିବା ତଥ୍ୟ ଅନୁସନ୍ଧାନ ତଦନ୍ତ ପରେ ରାଜ୍ୟ ଏକ ଭିନ୍ନ ଉପସଂହାରରେ ପହଞ୍ଚିବ । ଏପରି ସ୍ଥିତିରେ ପହଞ୍ଚିବା ପର୍ଯ୍ୟନ୍ତ, ଆବେଦନକାରୀ - ରାଜ୍ୟ ପାଇଁ ଟିକସ ଦାବି କରିବାର କୌଣସି ସୁଯୋଗ ନାହିଁ ଯାହା କୌଣସି ପରିସ୍ଥିତିରେ ଦଫା 6 ଅନୁଯାୟୀ ଦେବାକୁ ପଡିବ । ଯେହେତୁ ଏହି ମତ କେବଳ ସହମତି କ୍ଷେତ୍ରରେ ନିହିତ, ତେଣୁ ଏହାକୁ ଦଫା ସଂଖ୍ୟା 6 ର ପ୍ରୟୋଗ ଉପରେ ଏକ ଘୋଷଣା ଭାବରେ ଗ୍ରହଣ କରାଯିବ ନାହିଁ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 8286/1995 ।

O.J. C. No. 847 of 1991ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 18.06.1992 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜୟନ୍ତ କୁମାର ଦାସ ଏବଂ ପି. ଏନ୍. ମିଶ୍ର ।

ଉତ୍ତରଦାତାଙ୍କ ପାଇଁ ଅତିରିକ୍ତ ସଲିସିଟର ଜେନେରାଲ ଅଲତାଫ ଅହମ୍ମଦ, ଫଜଲିନ ଅନମ, ଧ୍ରୁବ ମେହେଟ୍ଟା ଏବଂ ଏସ. କେ. ମେହେଟ୍ଟା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ, ଏଠାରେ ଏକମାତ୍ର ଉତ୍ତରଦାତା,ଏହାର କର୍ମଚାରୀମାନଙ୍କୁ ଏହାର ଟାଉନସିପ୍ ରୁ ରାଉରକେଲା ଠାରେ ଥିବା ଏହାର କାରଖାନାକୁ ନେବା ପାଇଁ ବସ୍ ସମୂହକୁ ନିଯୁକ୍ତ କରିଛନ୍ତି । ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏପରି ହୋଇଆସୁଛି । କେତେକ ଅବ୍ୟକ୍ତ କାରଣରୁ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ରଖାଯାଇଥିବା ବସ୍ ଗୁଡିକ ଉପରେ ମାଲବାହୀ ଯାନ ଭାବରେ ଓଡ଼ିଶା ମୋଟର ଯାନ ଟିକସ ଅଧିନିୟମ, 1975 ର ଅନୁସୂଚୀର ଦଫା 3

ଅନୁଯାୟୀ ଟିକସ ଦେବାକୁ ତାଙ୍କୁ ବାଧ କରାଯାଇଥିଲା । ଉଭୟ ପକ୍ଷଙ୍କ ମାମଲା ପରି, ଦଫା 3 କ୍ୱଚିତ୍ ପ୍ରଯୁଜ୍ୟ ଥିଲା ଏବଂ ତଥାପି ଟିକସ ଦାବି କରାଯାଉଥିଲା ଏବଂ ପ୍ରଦାନ କରାଯାଉଥିଲା । ଆବେଦନକାରୀ, ଅର୍ଥାତ୍ ଓଡ଼ିଶା ରାଜ୍ୟ ଏବଂ ଏହାର ଅଧିକାରୀମାନେ 19.12.1990 ରୁ ଟିକସ ମୁଖ୍ୟକୁ ପରିବର୍ତ୍ତନ କରିଥିଲେ ଏବଂ ମୋଟର ଟ୍ୟାକ୍ସି ସମେତ ଭଡ଼ା ପାଇଁ ଚାଲୁଥିବା ମୋଟର ଯାନ ଏବଂ ଯାତ୍ରୀ ପରିବହନ ପାଇଁ ବ୍ୟବହୃତ ହେଉଥିବା ମୋଟର ଯାନ ପାଇଁ ଅନୁସୂଚୀର ଦଫା 4 ଅଧୀନରେ ନିର୍ଦ୍ଧାରିତ ହୋଇଥିବା ଟିକସ ହାର ଅନୁଯାୟୀ ଉତ୍ତରଦାତାଙ୍କୁ ଅଧିକ ଟିକସ ଦେବାକୁ ବାଧ କରିଥିଲେ । ଏଭଳି ପଦକ୍ଷେପକୁ ଆପତ୍ତି କରି ଉତ୍ତରଦାତା - ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ, ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ରିଟ୍ ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ ।

ପ୍ରାରମ୍ଭରେ, ବିବାଦର ମୁକାବିଲା କରିବାରେ ଉଚ୍ଚ ନ୍ୟାୟାଳୟ ଏହାକୁ ଗ୍ରହଣ କରି ଏକ ତଥ୍ୟମୂଳକ ତ୍ରୁଟିରେ ଅନୁମାନ କରିଥିଲେ ଯେ ଏହି ପରିବର୍ତ୍ତନ ଅନୁସୂଚୀର ଦଫା ସଂଖ୍ୟା 6 ରୁ ଦଫା ସଂଖ୍ୟା 4 କୁ ହୋଇଥିଲା । ତେବେ, ଦଫା ସଂଖ୍ୟା 6 ଏକ ବଳକା ଦଫା ଏବଂ ଏହା ଅନୁସୂଚୀର ପୂର୍ବ ବ୍ୟବସ୍ଥା ଅନୁଯାୟୀ ଟିକସ ପ୍ରଦାନକାରୀଙ୍କ ବ୍ୟତୀତ ମୋଟର ଯାନର ମାମଲା ଗୁଡିକୁ ଅନ୍ତର୍ଭୁକ୍ତ କରେ । ଯେହେତୁ ଉତ୍ତରଦାତା - ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ର ମାମଲା ହେଉଛି ଯେ ଏହା ଦ୍ୱାରା ରଖାଯାଇଥିବା ଯାନଗୁଡିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏହାର କର୍ମଚାରୀଙ୍କ ବ୍ୟବହାର ନିମିତ୍ତ ଅଟେ, ସେମାନଙ୍କୁ ଭଡ଼ା ଦେୟ ଦେବାକୁ ବାଧ ନକରି, ଏହା କର୍ମଚାରୀମାନଙ୍କୁ ସମ୍ପ୍ରସାରିତ ହୋଇଥିବା ଏକ ସୁବିଧା ଥିଲା, ଏବଂ ତେଣୁ ସ୍ୱତଃ, ଦଫା ସଂଖ୍ୟା 4 ଅନୁଯାୟୀ ଆବଶ୍ୟକତାକୁ ଆକର୍ଷିତ କରିବ ନାହିଁ କିନ୍ତୁ ଉପରୋକ୍ତ ଅଧିନିୟମର ଧାରା 10 ଏବଂ 15 ଅନୁଯାୟୀ ପ୍ରତିକାର ଦାବି କରିବାକୁ ଉତ୍ତରଦାତା ବଶବର୍ତ୍ତୀ ରହି ଦଫା ସଂଖ୍ୟା 6 ଅଧୀନରେ ଆସିପାରେ । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଏହି ମାମଲାର କେତେକ ଆଇନଗତ ଦିଗ ଉପରେ ଏହି ଅନୁମାନ ଉପରେ ରାୟ ଦେଇଥିଲେ ଯେ ଉତ୍ତରଦାତା - ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଙ୍କୁ ଦାବି କରିବାକୁ ଏହାର ତଥ୍ୟ ପ୍ରମାଣ କରିବାକୁ ପଡିବ ଯେ ଏହା ସମ୍ପୃକ୍ତ ଯାନ ଉପରେ ଆଦୌ ଟିକସ ଦେବାକୁ ଉତ୍ତରଦାୟୀ ନଥିଲେ ଏବଂ ସେଥିପାଇଁ ଏକ ପ୍ରକାରର ପୁନଃପ୍ରେରଣ ସିଦ୍ଧ କରିଥିଲା । ସେହି ଦିଗଟି ସ୍ପଷ୍ଟତଃ ସେହି ଅଞ୍ଚଳରେ ଥିଲା ଯେଉଁଠାରେ ଅଧିନିୟମର ଧାରା 10 ଏବଂ/କିମ୍ବା 15 ଅନୁଯାୟୀ ପ୍ରତିକାର ନିଆଯାଇପାରେ । ଯେହେତୁ ଆମେ ଏହି ରାୟକୁ ଅନୁଧ୍ୟାନ କରିବାରେ ସକ୍ଷମ ହୋଇଛୁ, ତେଣୁ, ଏଠାରେ ଥିବା ଉତ୍ତରଦାତା, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଅନୁସୂଚୀର ଦଫା 6 କିମ୍ବା ଦଫା 4 ଅନୁଯାୟୀ ଟିକସ ଦେବାକୁ ଦାୟୀ କି ନାହିଁ, ଏହି ପ୍ରଶ୍ନକୁ ବିଚାର କରାଯାଇ ନଥିଲା ।

ପକ୍ଷମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କୁ ବିସ୍ତୃତ ଭାବରେ ଶୁଣିବା ପରେ, ଆମେ ଉଚ୍ଚ ନ୍ୟାୟାଳୟର ରାୟର ସଠିକତା କିମ୍ବା ଅନ୍ୟଥା ଉପରେ ସୁସ୍ପଷ୍ଟ କରିବାକୁ ପ୍ରବୃତ୍ତି ଅନୁଭବ କରୁନାହୁଁ,ଯେତେବେଳେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଏ ଯେ କର୍ତ୍ତୃପକ୍ଷଙ୍କ ଠାରୁ ଏହାର ଯାନବାହାନ ସମୂହକୁ ରଖିବା ପାଇଁ ଟିକସ ଆବଶ୍ୟକୀୟ ବୋଲି ଏକ ତଦନ୍ତ କରାଯାଇପାରିବ । ଆହୁରି ମଧ୍ୟ, ଦଫା ସଂଖ୍ୟା 3 ରୁ ଦଫା ସଂଖ୍ୟା 4 ରେ ସିଧାସଳଖ ପ୍ରଭାବ ପକାଇଥିବା ପରିବର୍ତ୍ତନ ଟିକସ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ସ୍ପଷ୍ଟ ଅନୁସନ୍ଧାନ ବିନା ଅହେତୁକ ଥିଲା ଯେ ସେହି

ଯାନଗୁଡିକ ଭଡ଼ା ପାଇଁ ପରିଚାଳିତ ହେଉଥିଲା । ଅନ୍ୟ ପକ୍ଷରେ, ଆବେଦନକାରୀ, ଆବଶ୍ୟକ ତଥ୍ୟ ପ୍ରତିଷ୍ଠା ବିନା ହାରରେ ସେହି ବୃଦ୍ଧି କିପରି ସିଧାସଳଖ କରାଯାଇପାରିବ ତାହା ଆମ ସମ୍ମୁଖରେ ପ୍ରମାଣପୂର୍ବକ ଯଥାର୍ଥ ସାବ୍ୟସ୍ତ କରିବାରେ ସକ୍ଷମ ହୋଇ ନାହାଁନ୍ତି । ତେଣୁ ଆମେ ଏକ ସୀମିତ ସହମତି ଦ୍ୱାରା କହିବୁ ଯେ ଅଧିନିୟମର ଧାରା 10 ଏବଂ/କିମ୍ବା 15 ଅନୁଯାୟୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ସଫଳତାପୂର୍ବକ ପ୍ରତିକାର (ଯଦି ବକେୟା ଥାଏ) ମାଗିବା ପର୍ଯ୍ୟନ୍ତ, ଏହା ଟିକସ ପାଇଁ ପ୍ରଯୁଜ୍ୟ ଏବଂ ଆବେଦନକାରୀ-ରାଜ୍ୟକୁ ଏକ ତଥ୍ୟ ଅନୁସନ୍ଧାନର ତଦନ୍ତ ପରେ, ଯେଉଁଥିରେ ନିଶ୍ଚିତ ଭାବରେ, ଉତ୍ତରଦାତା  ଜଡିତ ହେବେ, ଏକ ଭିନ୍ନ ଉପସଂହାରରେ ପହଞ୍ଚିବାର ଅଧିକାର ସଂରକ୍ଷିତ ରଖି ବର୍ତ୍ତମାନର ସଂଶୋଧନକାରୀ ପଦକ୍ଷେପ ଦଫା ସଂଖ୍ୟା 3 ରୁ ଦଫା ସଂଖ୍ୟା 6 ଅନୁଯାୟୀ ଟିକସ ହାରକୁ ପରିବର୍ତ୍ତନ କରିବା ପାଇଁ ହୋଇପାରେ । ଟିକସ ଦଫା ଚୟନ କରିବାରେ ମନମୁଖୀ ଅଧିନିୟମ କରିବାକୁ ରାଜ୍ୟକୁ ଅନୁମତି ଦିଆଯାଇପାରିବ ନାହିଁ ଏବଂ ଉତ୍ତରଦାୟିତ୍ୱକୁ ଖଣ୍ଡନ କରିବା ପାଇଁ ଏହାକୁ ନାଗରିକ ଉପରେ ଛାଡି ଦିଆଯାଇପାରିବ ନାହିଁ । ଏହା ହେଉଛି ରାଜ୍ୟ ଯାହାକୁ ତଥ୍ୟ ଯାଞ୍ଚ କରିବାକୁ ପଡିବ ଏବଂ ତା 'ପରେ କୌଣସି ଅନ୍ୟାୟ ଲାଗୁ ନକରି ବ୍ୟବସ୍ଥାର ସରଳ ଭାଷାରେ ନିର୍ଦ୍ଦିଷ୍ଟ ଦଫା ପ୍ରୟୋଗ କରିବାକୁ ପଡିବ । ଏପରି ସ୍ଥିତିରେ ପହଞ୍ଚିବା ପର୍ଯ୍ୟନ୍ତ, ଆବେଦନକାରୀ - ରାଜ୍ୟ ପାଇଁ ଟିକସ ଦାବି କରିବାର କୌଣସି ସୁଯୋଗ ନାହିଁ ଯାହା କୌଣସି ପରିସ୍ଥିତିରେ ଦଫା ସଂଖ୍ୟା 6 ଅନୁଯାୟୀ ଦେବାକୁ ପଡିବ । ତଥାପି, ଆମେ ଏହା ସ୍ପଷ୍ଟ କରୁଛୁ ଯେ ଆମର ଏହି ମତ କେବଳ ସର୍ବସମ୍ମତିର ସେହି କ୍ଷେତ୍ରରେ ନିହିତ ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଦଫା ସଂଖ୍ୟା 6 ର ପ୍ରୟୋଗକୁ ଏକ ଘୋଷଣା ଭାବରେ ଗ୍ରହଣ କରାଯିବ ନାହିଁ ।

ତଦନୁସାରେ ଆବେଦନଟିର ସମାଧାନ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ.

ଆବେଦନ ସମାଧାନ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଉଚ୍ଚ ନ୍ୟାୟାଳୟ ଓଡ଼ିଶା